# ଗମାଂଗଂକ ଅଂଧାରି ଶାସନ

୦୩/୦୬/୧୯୯୯

ମୁଖ୍ୟମଂତ୍ରୀ ଗିରିଧର ଗମାଂଗଂକର ବିଭିନ୍ନ ପ୍ରସଂଗ ସଂପର୍କରେ ଯେଉଁ ସବୁ ମତ ମଂତବ୍ୟ ଗଣମାଧ୍ୟମ ଗୁଡିକରେ ପ୍ରକାଶ ପାଉଛି ସେଗୁଡିକୁ ଅନେକେ ହାସ୍ୟ ଅଭିନେତାସୁଲଭ ମଂତବ୍ୟ ବୋଲି ମନେକରି ବିଶେଷ ଗୁରୁତ୍ୱ ଦେଉ ନାହାଂତି । ତେବେ ସୋରଣ ଗୁଳିକାଂଡ ସଂପର୍କରେ ସଫେଇ ଦେବାକୁ ଯାଇ ନିଜ ତରଫରୁ ମୁଖ୍ୟମଂତ୍ରୀ କେତେକ ସଂବାଦପତ୍ରର ପ୍ରତିନିଧିଂକୁ ଯେଉଁ ବିବୃତି ଦେଇଛଂତି ତାହାକୁ ସେପରି ହାଲୁକା ଭାବରେ ଗ୍ରହଣ କରିହେଉନାହିଁ । ରାଜନୀତି ଶାସ୍ତ୍ରରେ ସାମାନ୍ୟତମ ପ୍ରବେଶ ଥିବା ଏବଂ ସଂବିଧାନକୁ ସମ୍ମାନ ଜଣାଉଥିବା ଯେ କୌଣସି ସଚେତନ ନାଗରିକକୁ ମୁଖ୍ୟମଂତ୍ରୀଂକ ବକ୍ତବ୍ୟ ବ୍ୟଥିତ କରିବ । "ସବୁ କିଛି ଅଂଧାରରେ ଘଟିଲା ଏବଂ ମୋତେ ମଧ୍ୟ ଅଂଧାରରେ ରଖାଯାଇଥିଲା" ବୋଲି କାଲେ ମୁଖ୍ୟମଂତ୍ରୀ ସଂବାଦପତ୍ର ପ୍ରତିନିଧିଂକୁ କହିଛଂତି । ଗୃହ ବିଭାଗର କନିଷ୍ଠ ମଂତ୍ରୀ ଶ୍ରୀଯୁକ୍ତ ପ୍ରସାଦ ହରିଚଂଦନ " ଏହା ସରକାରଂକର ବିଫଳତା ନୁହେଁ, ପ୍ରାଶାସନିକ ତ୍ରୁଟି ହିଁ ଏଥିପାଇଁ ଦାୟୀ" ବୋଲି ଓଲଟା ସଫେଇ ଦେଇଛଂତି । ଉଭୟ ମୁଖ୍ୟମଂତ୍ରୀ ଏବଂ ତାଂକର ରାଷ୍ଟ୍ରମଂତ୍ରୀଂକର ସଫେଇକୁ ଜଣେ ରାଜନୀତି ବିଜ୍ଞାନର ଛାତ୍ର ଭାବରେ ସହଜରେ ଗ୍ରହଣ କରିହେଉନାହିଁ । ଆମ ବିଚାରରେ ମଂତ୍ରୀଦ୍ୱୟଂକର ବକ୍ତବ୍ୟ ଆମର ଶାସନ ବ୍ୟବସ୍ଥାର ମୌଳିକ ନୀତିର ବିରୋଧାଚରଣ କରୁଛି । ଆମେ ଯେଉଁ ଗଣତଂତ୍ରିକ ବ୍ୟବସ୍ଥା ଏବଂ ପ୍ରାଶାସନିକ ନୀତିକୁ ଆପଣେଇଛୁ ତାହାର ମୂଳ ମଂତ୍ର ହେଲା `Bureaucracy thrives under ministerial responsibility'. ଉତ୍ତରଦାୟିତ୍ୱର ଏହି ତତ୍ତ୍ୱ ସର୍ବଜନ ସ୍ୱୀକୃତ ।

## ଆମ ଘରର ହାଲଚାଲ

### ସୌମ୍ୟରଂଜନ ପଟ୍ଟନାୟକ

ପ୍ରତିନିଧିମୂଳକ ସରକାରରେ ମୁଖ୍ୟମଂତ୍ରୀ ଏବଂ ତାଂକ ମଂତ୍ରିମଂଡଳ ବିଧାନସଭା ପ୍ରତି ଉତ୍ତରଦାୟୀ । ଠିକ୍ ସେହିପରି ବିଭାଗର ମୁଖ୍ୟ ଭାବରେ ବିଭାଗୀୟ ମଂତ୍ରୀ ଏବଂ ଶାସନର ମୁଖ୍ୟ ଭାବରେ ମୁଖ୍ୟମଂତ୍ରୀ ସରକାରଂକର ସବୁ କିଛି ପାଇଁ ଦାୟୀ । ନୈତିକ ଏବଂ ଆନୁଷ୍ଠାନିକ ଦାୟିତ୍ୱ ସବୁବେଳେ ମଂତ୍ରୀଂକର ସଚିବ ବା ଅଧସ୍ତନ କର୍ମକର୍ତାଂକର ନୁହେଁ । ତେଣୁ ଏ କ୍ଷେତ୍ରରେ ମୂଳ ପ୍ରଶ୍ନ ହେଲା ମୁଖ୍ୟମଂତ୍ରୀ, ଜିଲ୍ଲାପାଳ ଏବଂ ଏସ.ପି.ଂକ ଉପରେ ଦୋଷ ଲଦି ଦେଇ ନିଜକୁ ସଂପୂର୍ଣ ଦୋଷମୁକ୍ତ କରିପାରିବେ କି ? ସରକାର ଓ ପ୍ରଶାସନ ଭିତରେ ଯେଉଁ ପ୍ରଭେଦର ଅବତାରଣା ଗୃହରାଷ୍ଟ୍ରମଂତ୍ରୀ କରିଛଂତି ତାହା ଗ୍ରହଣୀୟ କି ?

ଆମ ବିଚାରରେ ପ୍ରଶାସନ ଉପରେ ଦୋଷ ଲଦି ଦେଇ ମୁଖ୍ୟମଂତ୍ରୀ ତାଂକର ନୈତିକ ଓ ଆନୁଷ୍ଠାନିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ । ଗତ ୫୦ ବର୍ଷରୁ ଉର୍ଦ୍ଧ୍ୱ ଗଣତଂତ୍ରିକ ପ୍ରଶାସନର ଅନୁଭବରୁ ବହୁ ଦୃଷ୍ଟାଂତ ଦେଇ ହେବ, ଯାହା ଆମ ବିଚାରକୁ ସମର୍ଥନ କରିବ । ଗୋଟିଏ ରେଳ ଦୁର୍ଘଟନା ଘଟିଗଲା ପରେ ତତ୍‌କାଳୀନ ରେଳମଂତ୍ରୀ ଶ୍ରୀଯୁକ୍ତ ଲାଲ ବାହାଦୂର ଶାସ୍ତ୍ରୀ କାହିଁକି ଇସ୍ତଫା ଦେଇଥିଲେ ? ରେଳବାଇ ବୋର୍ଡର କୌଣସି ସଦସ୍ୟ କିଂବା ଟ୍ରାଫିକ୍ ଦାୟିତ୍ୱରେ ଥିବା କୌଣସି ଅଧିକାରୀଂକୁ ନିଲଂବିତ କରି ଶାସ୍ତ୍ରୀଜୀ ତ ନିଜ ଦାୟିତ୍ୱ ତୁଲାଇ ପାରିଥାଂତେ ! ବିଜୁ ପଟ୍ଟନାୟକଂକ ବିରୋଧରେ ଅଣାଯାଇଥିବା ଦୁର୍ନୀତି ଅଭିଯୋଗର ତଦଂତ ଖାନ୍ନା କମିଶନ କରୁଥିଲେ । ସବୁକିଛି ସରକାରୀ ନିଷ୍ପତ୍ତିର ଦାୟିତ୍ୱ ବିଜୁ ପଟ୍ଟନାୟକ ନିଜେ ବହନ କରିଥିଲେ । ତାଂକର ଏତାଦୃଶ ବକ୍ତବ୍ୟ ଫଳରେ କମିଶନ କୌଣସି ଅଧିକାରୀଂକ ବିରୋଧରେ କାର୍ଯାନୁଷ୍ଠାନ ସୁପାରିଶ କରିନଥିଲେ । ଶ୍ରୀଯୁକ୍ତ ଗମାଂଗ ଆଜି ଯେଉଁ ଆସନରେ ବସିଛଂତି ତାହା ସଂଭବ ହୋଇନଥାଂତା ଯଦି ଜାନକୀ ବଲ୍ଲଭ ପଟ୍ଟନାୟକ ସେ ସମୟର ଆଇନ ଶୃଂଖଳା ପରିସ୍ଥିତି ପାଇଁ ନୈତିକ ଦାୟିତ୍ୱ ବହନ କରି ଇସ୍ତଫା ଦେଇନଥାଂତେ । ମୂଳ ପ୍ରସଂଗ ହେଲା ଅଧସ୍ତନ ସଚିବ ଓ କର୍ମକର୍ତାଂକ ବିରୋଧରେ ଶୃଂଖଳାଗତ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ମଂତ୍ରୀଂକର ପୂର୍ଣ ଅଧିକାର ଥିଲା ବେଳେ ସରକାରଂକର ସବୁ କିଛି ଭଲ ମଂଦ ପାଇଁ ନୈତିକ ଓ ଆନୁଷ୍ଠାନିକ ଦାୟିତ୍ୱ କେବଳ ମଂତ୍ରୀଂକର ।

ବାକି ରହିଲା ମୁଖ୍ୟମଂତ୍ରୀଂକୁ ଅଂଧାରରେ ରଖିବା କଥା । ଏହା ଅନ୍ୟ ଏକ ବିଡଂବନା । ଦାୟିତ୍ୱ ନେବା ପରଠାରୁ ମୁଖ୍ୟମଂତ୍ରୀ ତ ଏକ ରକମ ଅଂଧାରୀ ଶାସନ ଆରଂଭ କରିଦେଇଛଂତି । ତାଂକୁ ପୁଣି ଅଂଧାରରେ ରଖିଲା କିଏ ? ମୁଖ୍ୟ ଶାସନ ସଚିବ ବଦଳିଲେ ରାତି ଅଧରେ, ସବୁ ଗୁରୁତ୍ୱପୂର୍ଣ ନିଷ୍ପତ୍ତି ବି ରାତି ଅଧରେ ନିଆଯାଉଛି । ଅବସ୍ଥା ଏପରି ହେଲାଣି, ମୁଖ୍ୟମଂତ୍ରୀ ଏବଂ ତାଂକର ମୁଷ୍ଟିମେୟ ସଚିବ ଓ କର୍ମକର୍ତାମାନେ ରାତି ଦଶଟା ପରେ କାର୍ଯ ଆରଂଭ କରୁଛଂତି । ଦିନ ବେଳେ ସ୍ୱାଭାବିକ ଭାବେ ବେଶି ସମୟ ଶୋଉଛଂତି । ଅନେକେ ସମୟ ପାଇ ମଧ୍ୟ ମୁଖ୍ୟମଂତ୍ରୀଂକ ସହିତ ସାକ୍ଷାତ କରିପାରୁନାହାଂତି । ମୁଖ୍ୟମଂତ୍ରୀ ଯଦି ଏ ପରଂପରାରେ ବିଶ୍ୱାସ କରୁଥାଂତି ତାହେଲେ ସଚିବାଳୟର କାର୍ଯ ନିର୍ଘଂଟରେ ବରଂ ପରିବର୍ତନ କରିଦେଲେ ସମସ୍ତଂକ ପାଇଁ ସୁବିଧା ହେବ । ପରିବର୍ତନ ତ ମୁଖ୍ୟମଂତ୍ରୀଂକର ଅନ୍ୟ ଏକ ନିଶା । ଆସୁ ଆସୁ ମୁଖ୍ୟ ଶାସନ ସଚିବ ବଦଳିଲେ, ପୁଲିସ ମହାନିର୍ଦ୍ଦେଶକ ବଦଳିଲେ, ବିଭାଗୀୟ ସଚିବ ମାନଂକର ତିନି ଚାରି ଦଫା ବଦଳି ପାଲା ଚାଲିଲା । ଜିଲ୍ଲାପାଳ, ଏସ.ପି., ତହସିଲଦାର ଆଉ କନେଷ୍ଟବଳ ମାନଂକର ବଦଳି ପର୍ଯଂତ ଏବେ ମଧ୍ୟ ଚାଲିଛି । କୁହାଯାଉଛି, ଜାନକୀ ବାବୁଂକର କଥିତ କଳଂକିତ ଶାସନର ଅବସାନ ପାଇଁ ଏବଂ ଏକ ଲୋକାଭିମୁଖୀ, ସ୍ୱଚ୍ଛ ଶାସନର ଅଭ୍ୟୁଦୟ ପାଇଁ ଏହା ଆବଶ୍ୟକ । ପୁଣି ସେମାନଂକ ଉପରେ ଦୋଷ ଲଦି ଦିଆଯାଉଛି କାହିଁକି ? ଗୁଳିକାଂଡ ଘଟନା ଘଟିବା ପରେ ପ୍ରାଶାସନିକ ତଦଂତର ନିର୍ଦ୍ଦେଶ ଦିଆଗଲା । ଜିଲ୍ଲାପାଳଂକୁ ତୁରଂତ ବଦଳି କରାଗଲା । କିଂତୁ ପୁଲିସ ମହାନିର୍ଦ୍ଦେଶକ କହିଲେ ଉଭୟ ଜିଲ୍ଲାପାଳ ଓ ଏସ.ପି. ଗୁଳିକାଂଡର ମିଳିତ ନିଷ୍ପତ୍ତି ନେଇଛଂତି । ଆର.ଡି.ସି. ତଦଂତ ରିପୋର୍ଟ ପ୍ରକାଶ ନହେଉଣୁ ବିଚାର ବିଭାଗୀୟ ତଦଂତ ପାଇଁ ନିର୍ଦ୍ଦେଶ ଦିଆଗଲା । ଆର.ଡି.ସି. ତଦଂତ ରିପୋର୍ଟ ଦେଉ ଦେଉ ଉଭୟ ଜିଲ୍ଲାପାଳ ଓ ଏସ.ପି.ଂକୁ ନିଲଂବନ କରାଗଲା । ବିଚରା ଆର.ଡି.ସି.ଂକର ମଧ୍ୟ ବଦଳି ହେଲା । ସମୁଦାୟ ବ୍ୟାପାରରେ ମୁଖ୍ୟମଂତ୍ରୀ ଏବଂ ତାଂକର ପରାମର୍ଶଦାତାମାନେ ଯେ ସମସ୍ୟାଟିର ମୁକାବିଲା କରିବାରେ ଏକାଂତ ଅନଭିଜ୍ଞ ଓ ଅନୁପଯୁକ୍ତ ଏହା ସ୍ପଷ୍ଟ ପ୍ରମାଣିତ ହେଲା ।

୧୦୦ ଦିନରୁ ଅଧିକ ହେଲାଣି । ଶାସନରେ ସ୍ୱଚ୍ଛତା ଓ ଲୋକାନୁକୂଳତାର କୌଣସି ଆଭାସ ଆମେ ପାଇନାହୁଁ । ଯଦି କିଛି ପାଇଛୁ ତାହାହେଲା ଏକ ଅପାରଗ ଏବଂ ଅପରିଣାମଦର୍ଶୀ ନେତୃତ୍ୱର ତିକ୍ତ ଅନୁଭୂତି । ଏ ପର୍ଯଂତ ଶ୍ରୀଯୁକ୍ତ ଗମାଂଗ ନିଜକୁ ଥଇଥାନ କରିପାରି ନାହାଂତି । ରାଜ୍ୟ ଅତିଥି ଭବନରେ ୪ଟି ରୁମ୍ ଅଧିକାର କରି ବସିଛଂତି । ରାଜ୍ୟର ବିଶିଷ୍ଟ ଅତିଥିମାନେ ହୋଟେଲରେ ରହୁଛଂତି । ଏଣେ ମୁଖ୍ୟମଂତ୍ରୀଂକର ସରକାରୀ ବାସଗୃହର ଗେଟ୍ ବଦଳୁଛି ତ ଭିତରେ ଦିନ ରାତି ଭଂଗାଗଢ଼ା ଚାଲିଛି । କେବେ ସରିବ କେଜାଣି । ଅନେକଂକ ମତରେ ମୁଖ୍ୟମଂତ୍ରୀଂକର ଇଚ୍ଛା ଅନୁସାରେ ନୂତନ ଗୃହ ନିର୍ମାଣ ହୋଇଥିଲେ କମ୍ ଖର୍ଚ ହୋଇଥାଂତା । ଶ୍ରୀମତୀ ସୋନିଆ ଗାଂଧୀ ଗମାଂଗଂକ ଠାରେ କି ଗୁଣ ଦେଖିଲେ କେଜାଣି ଓଡ଼ିଶାର ଶାସନ ଭାର ଦେଇ ତାଂକୁ ଆମ ସମସ୍ତଂକ ଉପରେ ଲଦି ଦେଲେ । କଥାରେ ଅଛି 'People get the Government they deserve' ପ୍ରଜା ଅନୁରୂପ ରାଜା । ତେଣୁ ହୁଏତ ଆମର କିଛି କରିବାର ନାହିଁ । ତଥାପି ସଚେତନ ନାଗରିକ ହିସାବରେ ଏପ୍ରକାର ଅବାଂଛିତ ନେତୃତ୍ୱ ବିରୋଧରେ ଯେତେ କ୍ଷୀଣ ହେଲେ ମଧ୍ୟ ସ୍ୱର ଉତ୍ତୋଳନ କରିବାର ନୈତିକ ଦାୟିତ୍ୱ ଦୃଷ୍ଟିରୁ କହିବାକୁ ହେବ : ଶ୍ରୀଯୁକ୍ତ ଗମାଂଗ ମହୋଦୟ, ଓଡ଼ିଶାର ଶାସନ-ମୁଖ୍ୟ ହେବା ପାଇଁ ଆପଣ ଏକାଂତ ଅନୁପଯୁକ୍ତ ।